# 10

# କଲୟଡ଼

ତୁମେ ଦ୍ରବଣମାନଙ୍କ ସହିତ ସୁପରିଚିତ । ସେମାନେ ଆମର ଦୈନନ୍ଦିନ ଜୀବନରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । ଆହୁରି ବହୁତ ପଦାର୍ଥ ଯଥା : ଦୁଧ, ଲହୁଣୀ, ଛେନା, କ୍ରିମ, ରଙ୍ଗୀନ ବହୁମୂଲ୍ୟ ପଥର, ଜୋତା ପାଲିସ୍, ରବର, କାଳି ଇତ୍ୟାଦି ମଧ୍ୟ ଆମର ଦୈନନ୍ଦିନ ଜୀବନୀରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ସେମାନେ ମଧ୍ୟ ଏକ ଅନ୍ୟପ୍ରକାର ଦ୍ରବଣ । ସେମାନଙ୍କୁ କଲୟଡାଲ ଦ୍ରବଣ କୁହାଯାଏ । କଲୟଡ଼ ଶବ୍ଦଟି ଦୁଇଟି ଶବ୍ଦର ମିଶ୍ରଣରୁ ଗଠିତ । ସେହି ଶବ୍ଦ ଦୁଇଟିର ନାମ ହେଉଛି କୋଲା ଓ ଅୟଡ୍‌ସ । କୋଲାର ଅର୍ଥ ହେଉଛି ଶିରିଷ ଅଠା ଓ ଅୟଡ୍‌ସର ଅର୍ଥ ହେଉଛି ସଦୃଶ । ତେଣୁ କଲୟଡ଼ର ଅର୍ଥ ହେଉଛି ଶିରିଷ ଅଠା ସଦୃଶ । କଲୟଡ଼ ଦ୍ରବଣରେ ଥିବା କଣିକାମାନଙ୍କର ଆକାର, ଚିନିପାଣି କିମ୍ୱା ଲୁଣପାଣିରେ ଥିବା କଣିକାମାନଙ୍କ ଆକାର ଠାରୁ ଅଧିକ । ଏହି ଅଧ୍ୟାୟରେ ତୁମେ କଲୟଡ଼ର ପ୍ରସ୍ତୁତି ପଦ୍ଧତି, ଧର୍ମ ଓ ବ୍ୟବହାର ସଂପର୍କରେ ଶିକ୍ଷାଲାଭ କରିବ ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟଟି ପାଠକରିବା ପରେ ତୁମେ :

- ଆଦର୍ଶ ଦ୍ରବଣ, କଲୟଡ଼ାଲ ଦ୍ରବଣ ଓ ପ୍ରଲମ୍ୱନ ମଧ୍ୟରେ ଥିବା ପାର୍ଥକ୍ୟ ବୁଝାଇବାରେ ସକ୍ଷମ ହେବ;
- କଲୟଡ଼ାଲ ଦ୍ରବଣର ପ୍ରାବସ୍ଥାମାନ ନିର୍ଣ୍ଣୟ କରିବାରେ ସକ୍ଷମ ହେବ;
- କଲୟଡ଼ାଲ ଦ୍ରବଣର ଶ୍ରେଣୀ ବିଭାଗ କରିବାରେ ସକ୍ଷମ ହେବ;
- କଲୟଡ଼ାଲ ଦ୍ରବଣ ପ୍ରସ୍ତୁତି ପ୍ରଣାଳୀ ବର୍ଣ୍ଣନା କରିବାରେ ସକ୍ଷମ ହେବ;
- ଜେଲ୍ ଓ ପାୟସ୍ ମଧ୍ୟରେ ଥିବା ପାର୍ଥକ୍ୟ ଜାଣିବାରେ ସକ୍ଷମ ହେବ ଏବଂ
- ଦୈନନ୍ଦିନ ଜୀବନରେ କଲୟଡ଼ର ବିନିଯୋଗ ବିଷୟରେ ଉଦାହରଣ ଦେଇପାରିବ ।

## 10.1 ଆଦର୍ଶ ଦ୍ରବଣ, କଲୟଡ଼ାଲ ଦ୍ରବଣ ଓ ପ୍ରଲମ୍ୱନ ମଧ୍ୟରେ ପ୍ରଭେଦ

ତୁମେ ଜାଣ ଯେ ଚିନିପାଣିର ଦ୍ରବଣ ହେଉଛି ସମାଂଗୀ ଦ୍ରବଣ କିନ୍ତୁ ଦୁଧ ସମାଂଗୀ ଦ୍ରବଣ ନୁହେଁ । ଭଲ ଭାବରେ ନିରୀକ୍ଷଣ କଲେ ଦୁଧ ଉପରେ ବିନ୍ଦୁ ବିନ୍ଦୁ ତେଲ ଭାସୁଥିବାର ଦେଖିବାକୁ ପାଇବ । ଯଦିଓ ଦୁଧ ଏକ ସମାଂଗୀ ଦ୍ରବଣ ଭଳି ପ୍ରତୀୟମାନ ହୁଏ, ବାସ୍ତବରେ ତାହା ବିଷମାଂଗୀ । ଦ୍ରବଣର ପ୍ରକୃତି ଦ୍ରବଣରେ ଥିବା ଦ୍ରାବର ଆକାର ଉପରେ ନିର୍ଭର କରେ । ଯଦି ଦ୍ରାବ କଣିକାର ଆକାର 1 nm ଠାରୁ କମ୍ ହେବ ତେବେ ଦ୍ରବଣକୁ ବାସ୍ତବ ଦ୍ରବଣ କୁହାଯାଏ; କିନ୍ତୁ ଦ୍ରାବକଣିକାର ଆକାର 1 nm ରୁ 100 nm ମଧ୍ୟରେ ରହିଲେ ଦ୍ରବଣକୁ କଲୟଡ଼ାଲ ଦ୍ରବଣ କୁହାଯାଏ । ଦ୍ରାବକଣିକାର







ଆକାର 100 nm ରୁ ଅଧିକ ହେଲେ ପ୍ରଲମ୍ବନ ସୃଷ୍ଟି ହୁଏ । ତେଣୁ ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ କଲୟଡ଼ାଲ ଦ୍ରବଣ, ବାସ୍ତବ ଦ୍ରବଣ ଓ ପ୍ରଲମ୍ବନର ମଧ୍ୟବର୍ତ୍ତୀ ଅବସ୍ଥା । ଏହି ତିନିପ୍ରକାର ଦ୍ରବଣର ମୁଖ୍ୟ ଧର୍ମଗୁଡ଼ିକ ନିମ୍ନରେ ପ୍ରଦତ୍ତ ହେଲା ।

**ସାରଣୀ 10.1 ବାସ୍ତବ ଦ୍ରବଣ, କଲୟଡ଼ାଲର ଦ୍ରବଣ ଓ ପ୍ରଲମ୍ବନମାନଙ୍କର ମୁଖ୍ୟ ଧର୍ମ**

| କ୍ରମାଙ୍କ | ଧର୍ମର ନାମ | ବାସ୍ତବ ଦ୍ରବଣ | କଲୟଡଲ ଦ୍ରବଣ | ପ୍ରଲମ୍ବନ |
|---|---|---|---|---|
| 1. | ଆକାର | କଣିକାର ଆକାର 1 nm ରୁ କମ୍ | କଣିକାର ଆକାର 1 nm ରୁ 100 nm ମଧ୍ୟରେ | କଣିକାର ଆକାର 100 nm ରୁ ଅଧିକ |
| 2. | ପରିସ୍ରବଣ | ସାଧାରଣ ଫିଲଟର କାଗଜ ଓ ପ୍ରାଣୀଜ ତନ୍ତୁ ମଧ୍ୟଦେଇ ଗତି କରିପାରିବ | ସାଧାରଣ ଫିଲଟର କାଗଜ ମଧ୍ୟ ଦେଇ ଗତିକରି ପାରିବ କିନ୍ତୁ ପ୍ରାଣୀଜ ତନ୍ତୁ ମଧ୍ୟଦେଇ ଗତି କରିପାରିବ ନାହିଁ । | ସାଧାରଣ ଫିଲଟର କାଗଜ କିମ୍ବା ପ୍ରାଣୀଜ ତନ୍ତୁ ମଧ୍ୟ ଦେଇ ଗତି କରିପାରିବ ନାହିଁ । |
| 3. | ଅଧଃକ୍ଷେପଣ | କଣିକାମାନଙ୍କର ଅଧଃକ୍ଷେପଣ ହୁଏ ନାହିଁ | କଣିକାମାନଙ୍କର ସ୍ୱତଃସ୍ଫୁର୍ତ୍ତି ଅଧକ୍ଷେପଣ ହୁଏନାହିଁ । | ମାଧ୍ୟାକର୍ଷଣ ଶକ୍ତିର ପ୍ରଭାବରେ କଣିକାମାନଙ୍କର ସ୍ୱତଃସ୍ଫୁର୍ତ୍ତି ଅଧକ୍ଷେପଣ ହୁଏ |
| 4. | ଦୃଶ୍ୟତା | କଣିକା ଗୁଡ଼ିକୁ ଖାଲି ଆଖିରେ କିମ୍ବା ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଦେଖି ହୁଏ ନାହିଁ । | କଣିକା ଗୁଡ଼ିକୁ ଖାଲି ଆଖିରେ ଦେଖିହେବ ନାହିଁ କିନ୍ତୁ ସେମାନଙ୍କର ବିଚ୍ଛୁରଣ ପ୍ରଭାବ ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ନିରୀକ୍ଷଣ କରି ହେବ । | କଣିକା ଗୁଡ଼ିକୁ ଖାଲି ଆଖିରେ ଦେଖି ହେବ । |
| 5. | ପୃଥିକୀକରଣ | ସାଧାରଣ ପରିସ୍ରବଣ କିମ୍ବା ଅତି ସୂକ୍ଷ୍ମ ପରିସ୍ରବଣ ଦ୍ୱାରା ଦ୍ରାବ ଓ ଦ୍ରାବକକୁ ପୃଥକ କରାଯାଇ ପାରିବ ନାହିଁ । | ସାଧାରଣ ପରିସ୍ରବଣ ଦ୍ୱାରା ଦ୍ରାବ ଓ ଦ୍ରାବକକୁ ପୃଥକ କରାଯାଇପାରିବ ନାହିଁ କିନ୍ତୁ ଅତି ସୂକ୍ଷ୍ମ ପରିସ୍ରବଣ ଦ୍ୱାରା ପୃଥକ କରାଯାଇପାରିବ । | ସାଧାରଣ ପରିସ୍ରବଣ ଦ୍ୱାରା ଦ୍ରାବ ଓ ଦ୍ରାବକକୁ ପୃଥକ କରାଯାଇପାରିବ । |
| 6. | ବିସରଣ | ବିସରଣ ପ୍ରକ୍ରିୟାର ବେଗ ଅଧିକ | ବିସରଣ ପ୍ରକ୍ରିୟାର ବେଗ କମ୍ | ବିସରଣ ହୁଏ ନାହିଁ |

## 10.2 କଲୟଡ଼ାଲ ଦ୍ରବଣର ପ୍ରାବସ୍ଥା

କଲୟଡ଼ାଲ ଦ୍ରବଣ ଏକ ବିଷମାଂଗୀ ଦ୍ରବଣ । ଏଥିରେ ସର୍ବଦା ଅନୁନ୍ୟ ଦୁଇଟି ପ୍ରାବସ୍ଥା ଥାଏ । ଯଥା, ବିଚ୍ଛୁରିତ ପ୍ରାବସ୍ଥା ଏବଂ ବିଚ୍ଛୁରଣ ମାଧ୍ୟମ ।

- **ବିଚ୍ଛୁରିତ ପ୍ରାବସ୍ଥା :** ଏହି ଉପାଦାନର ମାତ୍ରାକମ ଏବଂ କଣିକାମାନଙ୍କର ଆକାର 1 ରୁ 100 nm ।
- **ବିଚ୍ଛୁରଣ ମାଧ୍ୟମ :** ଏହା ଏକ ମାଧ୍ୟମ ଯେଉଁଥିରେ କଲୟଡ଼ କଣିକାଗୁଡ଼ିକ ବିଚ୍ଛୁରିତ ହୋଇଥାନ୍ତି ।





ଉଦାହରଣ : ଜଳରେ ଗନ୍ଧକର କଲୟଡ଼ାଲ ଦ୍ରବଣ : ଏଠାରେ ଗନ୍ଧକ କଣିକାକୁ ବିଚ୍ଛୁରିତ ପ୍ରାବସ୍ଥା ଏବଂ ଜଳକୁ ବିଚ୍ଛୁରଣ ମାଧ୍ୟମ କୁହାଯାଏ ।

ବିଚ୍ଛୁରିତ ପ୍ରାବସ୍ଥା ଓ ବିଚ୍ଛୁରଣ ମାଧ୍ୟମ ଉଭୟ ଘନ, ତରଳ କିମ୍ବା ଗ୍ୟାସୀୟ ହୋଇପାରନ୍ତି । ତେଣୁ ସେମାନଙ୍କର ଭୌତିକ ସ୍ଥିତିକୁ ବିଚାରକୁ ନେଲେ ୨ ପ୍ରକାର କଲୟଡ଼ାଲ ଦ୍ରବଣର ପରିକଳ୍ପନା କରାଯାଇପାରେ । ଯେହେତୁ ଗ୍ୟାସମାନେ ସମାଂଗୀ ମିଶ୍ରଣ ସୃଷ୍ଟି କରନ୍ତି ତେଣୁ ତାହା ଏକ କଲୟଡ଼ାଲ ଦ୍ରବଣ ନୁହେଁ । ବାସ୍ତବରେ ୫ ପ୍ରକାର କଲୟଡ଼ାଲ ଦ୍ରବଣ ଦୃଷ୍ଟିଗୋଚର ହୁଏ । ( ସାରଣୀ 10.2 )

**ସାରଣୀ 10.2 : କଲୟଡ଼ାଲ ଦ୍ରବଣର ପ୍ରକାର ଭେଦ**

| କ୍ରମାଙ୍କ | ବିଚ୍ଛୁରିତ ପ୍ରାବସ୍ଥା | ବିଚ୍ଛୁରଣ ମାଧ୍ୟମ | କଲୟଡଲ ଦ୍ରବଣର ପ୍ରକାର ଭେଦ | ଉଦାହରଣ |
|---|---|---|---|---|
| ୧. | ଘନ | ଘନ | ଘନ ଦ୍ରବଣ | ରତ୍ନ ପଥର, ମିଶ୍ର ଧାତୁ |
| ୨. | ଘନ | ତରଳ | ସଲ୍ | ରଞ୍ଜନ ଦ୍ରବ୍ୟ, କାଳି, ଅଣ୍ଡାର ଧଳା ଅଂଶ, ଜଳରେ ସୁନା, ପ୍ଲାଟିନମ୍, ମଇଦା, ଅଟା, ଆରସେନିୟସ୍, ସଲଫାଇଡ଼ର ଦ୍ରବଣ |
| ୩. | ଘନ | ଗ୍ୟାସ | ଘନର ଏରୋସଲ୍ | ଧୂଆଁ, ବାୟୁରେ ଧୂଳିକଣା, କୁହୁଡ଼ି |
| ୪. | ତରଳ | ଘନ | ଜେଲ୍ | ଜେଲି, ଛେନା, ଲହୁଣୀ, ଜୋତା ପାଲିସ୍ |
| ୫. | ତରଳ | ତରଳ | ଇମଲସନ୍ ପାୟସ | ଦୁଧ, କ୍ରିମ, ତେଲ ଓ ଜଳର ମିଶ୍ରଣ |
| ୬. | ତରଳ | ଗ୍ୟାସ | ତରଳର ଏରୋସଲ୍ | କୁଜଝଟିକା (କୁହୁଡ଼ି), ବାଦଲ |
| ୭. | ଗ୍ୟାସ | ଘନ | ଘନ ଫୋମ୍ | ପ୍ୟୁମିକ ପଥର, ପାଉଁରୁଟି, ଫୋମ୍ ରବର |
| ୮. | ଗ୍ୟାସ | ତରଳ | ଫୋମ | ସାବୁନ୍ ଫେଣ, ଅଙ୍ଗାରକାମ୍ଳ ଗ୍ୟାସ ଦ୍ରବୀଭୂତ ପାନୀୟ |

ଯଦିଓ ବିଭିନ୍ନ ପ୍ରକାର କଲୟଡ଼ାଲ ଦ୍ରବଣ ପରିଲକ୍ଷିତ ହୁଏ, ସେମାନଙ୍କ ମଧ୍ୟରୁ ତିନିଗୋଟି ମୁଖ୍ୟ କଲୟଡ଼ାଲ ଦ୍ରବଣ ହେଉଛି ସଲ, ଜେଲ ଓ ଇମଲସନ୍ । ଯଦି ବିଚ୍ଛୁରଣ ମାଧ୍ୟମ ଜଳ ହୁଏ ତେବେ ସେ ସଲକୁ ହାଇଡ୍ରୋସଲ୍ କୁହାଯାଏ । ଏବଂ ଯଦି ବିଚ୍ଛୁରଣ ମାଧ୍ୟମ ଆଲୋହଲ ହୁଏ ତେବେ ସେ ସଲକୁ ଆଲ୍‌କୋସଲ୍ କୁହାଯାଏ ।

## ପାଠଗତ ପ୍ରଶ୍ନ 10.1

1. ନିମ୍ନଲିଖିତ ପଦାର୍ଥମାନଙ୍କ ମଧ୍ୟରୁ କେଉଁଗୁଡ଼ିକ ବାସ୍ତବ ଦ୍ରବଣ, କଲୟଡ଼ାଲ ଦ୍ରବଣ ଓ ପ୍ରଲମ୍ବନ ତାହାର ଶ୍ରେଣୀ ବିଭାଗ କର ।
   ଦୁଧ, ଚିନିପାଣି, କାଦୁଅ ପାଣି, ରକ୍ତ, ଜୋତା ପାଲିସ୍, ଜଳରେ ଡ଼ାଲି, ମୁହଁରେ ଲଗାଉଥିବା କ୍ରିମ୍, ଜେଲି, ଫୋମ୍
   ..............................................................................................................
2. (a) ସଲ (b) ଜେଲ (c) ଏରୋସେଲ୍ ଓ (d) ଇମୁଲସନ୍‌ର ଗୋଟିଏ ଲେଖାଁଏ ଉଦାହରଣ ଦିଅ ।
   ..............................................................................................................
3. ଏରୋସଲ୍ ଓ ହାଇଡ୍ରୋସଲ୍ ମଧ୍ୟରେ ପାର୍ଥକ୍ୟ କ'ଣ ?
   ..............................................................................................................



ଟିପ୍ପଣୀ

4. କଲୟଡାଲ ଦ୍ରବଣ ଓ ବାସ୍ତବ ଦ୍ରବଣ ମଧ୍ୟରେ ଥିବା ପ୍ରଭେଦ ଦର୍ଶାଅ ।

.........................................................................................................................

## 10.3 କଲୟଡ଼ର ପ୍ରକାର ଭେଦ

କଲୟଡ଼ାଲ ଦ୍ରାବଣର ଶ୍ରେଣୀବିଭାଗ ବିଭିନ୍ନ ଉପାୟରେ କରାଯାଇପାରିବ ।

10.3.1 କଲୟଡ଼ାଲ ଦ୍ରବଣ ମଧ୍ୟରେ ଥିବା ଦୁଇଟି ପ୍ରାବସ୍ଥାର ପାରସ୍ପରିକ ପ୍ରତିକ୍ରିୟା ଅନୁଯାୟୀ ଦୁଇ ପ୍ରକାର କଲୟଡ଼ ଉତ୍ପନ୍ନ ହୁଏ ।

***(a) ଦ୍ରାବକାସକ୍ତ କଲୟଡ଼ :*** ଯେଉଁ କଲୟଡ଼ରେ ବିଛୁରିତ ପ୍ରାବସ୍ଥା ଓ ବିଛୁରଣ ମାଧ୍ୟମ ମଧ୍ୟରେ ଘନିଷ୍ଠ ସଂପର୍କ ଥାଏ ତାହାକୁ ଦ୍ରାବକାସକ୍ତ କଲୟଡ଼ କୁହାଯାଏ । ଅଠା, ଜିଲାଟିନ୍, ଶ୍ୱେତସାର ଜାତୀୟ ପଦାର୍ଥ ଯେତେବେଳେ ଏକ ଉପଯୁକ୍ତ ଡ଼ିସ୍‌ପରସନ୍ ମାଧ୍ୟମରେ ମିଶାଯାଏ, ସେମାନେ ସିଧାସଳଖ ଭାବେ କଲୟଡ଼ାଲ ଅବସ୍ଥାକୁ ଚାଲିଯାଆନ୍ତି ଓ କଲୟଡ଼ାଲ ଦ୍ରବଣ ସୃଷ୍ଟି କରନ୍ତି । ବିଛୁରିତ ପ୍ରାବସ୍ଥା ଓ ବିଛୁରଣ ମାଧ୍ୟମ ପରସ୍ପର ସଂସ୍ପର୍ଶରେ ଆସିଲେ ଏଭଳି କଲୟଡ଼ ଅତି ସହଜରେ ଉତ୍ପନ୍ନ ହୁଏ । ଏହି କଲୟଡ଼ର ଏକ ଉଲ୍ଲେଖନୀୟ ଧର୍ମ ହେଲା ଯେ ଏହା ବିପରୀତମୁଖୀ । ଏହାର ଅର୍ଥହେଉଛି ଏଭଳି ବିଛୁରଣ ପ୍ରାବସ୍ଥା ଓ ବିଛୁରଣ ମାଧ୍ୟମକୁ ସହଜରେ ଅଲଗା କରିହେବ । ପୁଣି ସେମାନଙ୍କୁ ମିଶାଇଦେଲେ ଆଗଭଳି କଲୟଡ଼ାଲ ଦ୍ରବଣ ସୃଷ୍ଟି ହେବ । ଏଭଳି କଲୟଡ଼ ଦୀର୍ଘସ୍ଥାୟୀ । ଯଦି ଜଳକୁ ବିଛୁରଣ ମାଧ୍ୟମ ରୂପେ ବ୍ୟବହାର କରାଯାଏ ତେବେ ଏଭଳି କଲୟଡ଼କୁ ଜଳାସକ୍ତ କଲୟଡ଼୍ କୁହାଯାଏ ।

***(b) ଦ୍ରାବକାତଙ୍କୀ କଲୟଡ଼ :*** ଯେଉଁ କଲୟଡ଼ରେ ବିଛୁରିତ ପ୍ରାବସ୍ଥାର ବିଛୁରଣ ମାଧ୍ୟମ ପ୍ରତି ଆସକ୍ତି ନଥାଏ ସେଭଳି କଲୟଡ଼କୁ ଦ୍ରାବକାତଙ୍କୀ କଲୟଡ଼ କୁହାଯାଏ । ସୁନା, ରୂପା, ପ୍ଲାଟିନମ୍ ଭଳି ଧାତୁ ଏବଂ ସେମାନଙ୍କର ହାଇଡ୍ରୋକ୍‌ସାଇଡ୍ କିମ୍ବା ସଲଫାଇଡ୍‌କୁ ବିଛୁରଣ ମାଧ୍ୟମରେ ମିଶାଇଲେ ସେମାନେ ସହଜରେ କଲୟଡ଼ାଲ ଅବସ୍ଥାକୁ ଯାଆନ୍ତି ନାହିଁ । ଏଭଳି କଲୟଡ଼ାଲ ଦ୍ରବଣକୁ ବିଶେଷ ଉପାୟରେ ପ୍ରସ୍ତୁତ କରାଯାଏ । ଏସବୁ ସଲର ଅବକ୍ଷେପଣ ସହଜରେ ହୁଏ । ଥରେ ଅବକ୍ଷେପଣ ହୋଇଗଲେ ଏମାନେ ସହଜରେ ପୂର୍ବାବସ୍ଥାକୁ ଫେରିପାରନ୍ତି ନାହିଁ । ଏଭଳି କଲୟଡ଼ର ଏକ ଉଲ୍ଲେଖନୀୟ ଧର୍ମ ହେଲା ଯେ ସେମାନେ ଏକମୁଖୀ ଏବଂ ଦୀର୍ଘସ୍ଥାୟୀ ନୁହଁନ୍ତି । ସେମାନଙ୍କୁ କଲୟଡ଼ାଲ ଅବସ୍ଥାରେ ରଖିବାକୁ ହେଲେ ଏକ ସ୍ଥାୟିକାରକର ଆବଶ୍ୟକ ପଡ଼େ । ଯଦି ଜଳକୁ ବିଛୁରଣ ମାଧ୍ୟମ ରୂପେ ବ୍ୟବହାର କରାଯାଏ ସେତେବେଳେ ଏହାକୁ ଜଳାତଙ୍କୀ କଲୟଡ଼ କୁହାଯାଏ ।

### 10.3.2 ଆଣବିକ ଆକାରକୁ ବିଚାରକୁ ନେଇ ଶ୍ରେଣୀ ବିଭାଗ ।

ଆଣବିକ ଆକାରକୁ ବିଚାରକୁ ନେଇ କଲୟଡ଼ମାନଙ୍କୁ ନିମ୍ନୋକ୍ତ ପ୍ରକାରରେ ଶ୍ରେଣୀ ବିଭାଗ କରାଯାଇପାରିବ ।

(a) ମାକ୍ରୋମଲିକୁଲାର (ବୃହତ୍ ଅଣୁ) କଲୟଡ଼ : ଏଭଳି କଲୟଡ଼ରେ ବିଛୁରିତ ପ୍ରାବସ୍ଥାର କଣିକାମାନଙ୍କର ଆକାର ବହୁତ ଅଧିକ । ସେଥିପାଇଁ ସେମାନେ କଲୟଡ଼ାଲ କଣିକା ଆକାରର ପରିସର ମଧ୍ୟରେ ଆସନ୍ତି ନାହିଁ । ପ୍ରାକୃତିକ ଅବସ୍ଥାରେ ମିଳୁଥିବା ମାକ୍ରୋମଲିକୁଲାର କଲୟଡ଼ମାନଙ୍କର ଉଦାହରଣ ହେଉଛି ଷ୍ଟାର୍ଚ, ସେଲୁଲୋଜ, ପ୍ରୋଟିନ୍ ଇତ୍ୟାଦି ।

(b) ମଲଟିମଲିକୁଲାର କଲୟଡ଼ : ଏ କ୍ଷେତ୍ରରେ ପରମାଣୁ ଗୁଡ଼ିକର ନିଜସ୍ୱ ଆକାର କଣିକା ଆକାରର ପରିସର ମଧ୍ୟରେ ନଥାଏ । ସେହି ପରମାଣୁଗୁଡ଼ିକୁ ପରସ୍ପର ସହିତ ସଂଯୁକ୍ତ ହୋଇ ଏଭଳି ଏକ କଣିକା ସୃଷ୍ଟି କରନ୍ତି ଯାହାର ଆକାର କଲୟଡ଼ାଲ କଣିକା ଆକାର ପରିସରକୁ ଆସନ୍ତି ।

ଉଦାହରଣ : ଗନ୍ଧକର ସଲ୍ । ଏହି ସଲ୍‌ରେ ଗନ୍ଧକର ପରମାଣୁଗୁଡ଼ିକ ସଂଯୋଜିତ ହୋଇ $S_8$ ଅଣୁ ସୃଷ୍ଟିକରନ୍ତି । ଏହି ଅଣୁର ଆକାର କଲୟଡ଼ାଲ୍ କଣିକାର ଆାକାର ପରିସରଭୁକ୍ତ ହୁଏ ।





(c) ସଂଯୋଜିତ କଲୟଡ଼ : ଏଭଳି ପଦାର୍ଥ ନିମ୍ନ ଗାଢ଼ତାରେ ସାଧାରଣ ଇଲେକ୍‌ଟ୍ରୋଲାଇଟ୍ (ବିଦ୍ୟୁତ୍ ବିଶ୍ଳେଷ୍ୟ) ଭଳି ବ୍ୟବହାର କରେ କିନ୍ତୁ ସାନ୍ଦ୍ରତା ବଢ଼ିଲେ ସେମାନେ ମିସେଲ୍ ସୃଷ୍ଟି କରନ୍ତି ଏବଂ କଲୟଡ଼ାଲ ଦ୍ରବଣ ଭଳି ବ୍ୟବହାର ଦେଖାନ୍ତି । ଏହାର ଉଦାହରଣ ହେଉଛ ସାବୁନ । ସାବୁନ ହେଉଛି ଦୀର୍ଘ ଶୃଙ୍ଖଳ ମେଦୀୟ ଅମ୍ଳର ସୋଡ଼ିୟମ ଲବଣ ଯାହାର ରାସାୟନିକ ସଂକେତ ହେଉଛି RCOONa । ସାବୁନ ପାଣିରେ $RCOO^-$ ଏବଂ $Na^+$ ଆୟନ ସୃଷ୍ଟି କରେ । $RCOO^-$ ଆୟନଗୁଡ଼ିକ ମଇଳା କଣିକାର ଚାରିପଟରେ ଘେରି ଯାଆନ୍ତି ଏବଂ ଏକ ମିସେଲ୍ ସୃଷ୍ଟି କରନ୍ତି । (ଚିତ୍ର 10.1 )




**ଚିତ୍ର 10.1 :** $RCOO^-$ ଆୟନର ସମ୍ମିଶ୍ରଣରେ ମିସେଲ୍ ଗଠନ

## 10.4 କଲୟଡ଼ାଲ ଦ୍ରବଣର ପ୍ରସ୍ତୁତି ପ୍ରଣାଳୀ

ଆଗରୁ ବର୍ଣ୍ଣନା କରାଯାଇଛି ଯେ ବିଚ୍ଛୁରିତ ପ୍ରାବସ୍ଥା ଏବଂ ବିଚ୍ଛୁରଣ ମାଧ୍ୟମ ସିଧାସଳଖ ଭାବେ ମିଶାଇଦେଲେ ଦ୍ରାବକାସକ୍ତ କଲୟଡ଼ ପ୍ରସ୍ତୁତ ହୁଏ ।

ଉଦାହରଣ : ଷ୍ଟାର୍ଚ, ଜିଲାଟିନ୍, ଗମ୍ (ଅଠା) ଇତ୍ୟାଦି ପଦାର୍ଥକୁ କେବଳ ଗରମ ପାଣିରେ ପକାଇଦେଲେ ଦ୍ରାବକାସକ୍ତ କଲୟଡ଼୍ ପ୍ରସ୍ତୁତ ହୁଏ । ସେହିଭଳି ସେଲୁଲୋଜ ନାଇଟ୍ରେଟ୍‌କୁ ଆଲକୋହଲରେ ଦ୍ରବୀଭୂତ କଲେ ଏକ କଲୟଡ଼ାଲ ଦ୍ରବଣ ସୃଷ୍ଟି ହୁଏ ଯାହାକୁ କୋଲୋଡ଼ିଅନ୍ କୁହାଯାଏ ।

କିନ୍ତୁ ଦ୍ରାବକାତଙ୍କୀ କଲୟଡ଼ଗୁଡ଼ିକ ସିଧାସଳଖ ଭାବେ ପ୍ରସ୍ତୁତ କରାଯାଇ ପାରିବ ନାହିଁ । ଏହି କଲୟଡ଼ ଦୁଇଟି ଉପାୟରେ ପ୍ରସ୍ତୁତ କରାଯାଏ ।

(i) ଭୌତିକ ପ୍ରଣାଳୀ (ii) ରାସାୟନିକ ପ୍ରଣାଳୀ

**(i) ଭୌତିକ ପ୍ରଣାଳୀ :** ସୁନା, ରୂପା, ପ୍ଲାଟିନମ୍ ଇତ୍ୟାଦି ଧାତୁର କଲୟଡ଼ାଲ ଦ୍ରବଣ ଏହି ପ୍ରଣାଳୀରେ ପ୍ରସ୍ତୁତ କରାଯାଏ । (ଚିତ୍ର 10.2 )




**ଚିତ୍ର 10.2 :** *କଲୟଡ଼ାଲ ଦ୍ରବଣର ପ୍ରସ୍ତୁତ ପ୍ରଣାଳୀ*

**(a) ବ୍ରେଡ଼ିଗ୍‌ଙ୍କର ବିଦ୍ୟୁତ୍‌ବଳୟ ପ୍ରଣାଳୀ**

ଇଲେକ୍‌ଟ୍ରୋଡ଼୍‌ଦ୍ୱୟକୁ ବିଚ୍ଛୁରଣ ମାଧ୍ୟମରେ ପ୍ରବେଶ କରାଯାଏ ଏବଂ ତାହା ମଧ୍ୟ ଦେଇ ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ୍ ସ୍ରୋତ ପ୍ରବାହ କରାଯାଏ । ଇଲେକ୍‌ଟ୍ରୋଡ଼୍ ଦ୍ୱୟର ଶୀର୍ଷଭାଗରେ ଉଚ୍ଚତାମାତ୍ରାର ବିଦ୍ୟୁତ୍ ବଳୟ ସୃଷ୍ଟିହୁଏ । ଯାହା ଧାତବ ଇଲେକ୍‌ଟ୍ରୋଡ଼୍‌କୁ ବାଷ୍ପରେ ପରିଣତ କରେ । ଏହି ବାଷ୍ପ ବାହାରକୁ ନଯାଇ ଥଣ୍ଡା ବିଚ୍ଛୁରଣ ମାଧ୍ୟମରେ ଘନିଭୂତ ହୋଇ ନିର୍ଦ୍ଦିଷ୍ଟ ଧାତୁର କଲୟଡ଼ାଲ୍ ଦ୍ରବଣ ସୃଷ୍ଟି କରେ ।

**(b) ପେପ୍‌ଟାଇଜେସନ୍ :** ଗୋଟିଏ ସଦ୍ୟ ପ୍ରସ୍ତୁତ ଅବକ୍ଷେପରେ ଏକ ଉପଯୁକ୍ତ ବିଦ୍ୟୁତ୍ ବିଶ୍ଳେଷ୍ୟ ମିଶାଇ କଲୟଡ଼ାଲ୍ ଦ୍ରବଣରେ ପରିଣତ କରିବାର ପଦ୍ଧତିକୁ ପେପ୍‌ଟାଇଜେସନ୍ କୁହାଯାଏ । ଏହି ଇଲେକ୍‌ଟ୍ରୋଲାଇଟ୍ (ବିଦ୍ୟୁତ୍ ବିଶ୍ଳେଷ)କୁ ପେପ୍‌ଟାଇଜିଙ୍ଗ୍ ଏଜେଣ୍ଟ କୁହାଯାଏ । ଉଦାହରଣ ସ୍ୱରୂପ ଯେତେବେଳେ ଫେରିକ୍ ହାଇଡ୍ରୋକସାଇଡ଼୍ ଅବକ୍ଷେପରେ ଫେରିକ୍ କ୍ଲୋଇଡ଼୍ ଦ୍ରବଣ ମିଶାଯାଏ ସେତେବେଳେ ଫେରିକ୍ ହାଇଡ୍ରୋକ୍‌ସାଇଡ଼୍ ଏକ ବାଦାମୀନାଲି ରଙ୍ଗର କଲୟଡ଼ାଲ ଦ୍ରବଣରେ ପରିଣତ ହୁଏ । ଅବକ୍ଷେପ ଦ୍ୱାରା ବିଦ୍ୟୁତ୍ ବିଶ୍ଳେଷ୍ୟର ଧନାୟନର ଅଗ୍ରାଧିକାର ଅଧିଶୋଷଣ ଯୋଗୁ ଏହା ଘଟିଥାଏ । ଯେତେବେଳେ ଫେରିକ୍ କ୍ଲୋରାଇଡ୍ ମିଶାଯାଏ, ଫେରିକ୍ ଆୟନ ($Fe^{3+}$)ଗୁଡ଼ିକ ଫେରିକ୍ ହାଇଡ୍ରୋକ୍‌ସାଇଡ୍ କଣିକା ଉପରେ ଅଧିଶୋଷିତ ହୋଇଥାନ୍ତି । ଯାହା ଫଳରେ ଫେରିକ୍ ହାଇଡ୍ରୋକ୍‌ସାଇଡ୍‌ର କଣିକାଗୁଡ଼ିକ ଯୁକ୍ତାତ୍ମକ ଚାର୍ଜ ବହନ କରନ୍ତି, ପରସ୍ପର ଠାରୁ ବିକର୍ଷିତ ହୁଅନ୍ତି ଏବଂ ଏକ କଲୟଡ଼ାର ଦ୍ରବଣର ସୃଷ୍ଟି ହୁଏ ।

**(ii) ରାସାୟନିକ ପଦ୍ଧତି : ଜାରଣ ପ୍ରକ୍ରିୟା**

ନାଇଟ୍ରିକ୍ ଅମ୍ଳ କିମ୍ବା ବ୍ରୋମିନ୍‌ର ଜଳୀୟ ଦ୍ରବଣପରି ଜାରକ ମଧ୍ୟ ଦେଇ ଯଦି ହାଇଡ୍ରୋଜେନ୍ ସଲଫାଇଡ଼୍ ($H_2S$) ଗ୍ୟାସ୍ ବୁଦ୍‌ବୁଦ୍ ଆକାରରେ ପ୍ରବେଶ କରାଯାଏ ତେବେ ସଲଫର୍ ସଲ୍‌ର ସୃଷ୍ଟି ହୁଏ ।

$$Br_2 + H_2S \rightarrow S + 2\,HBr$$

$$2HNO_3 + H_2S \rightarrow S + 2NO_2 + 2H_2O$$

ଫେରିକ୍ ହାଇଡ୍ରୋକ୍‌ସାଇଡ୍‌ର ସଲ୍ ଏବଂ ଆରସେନିକ୍ ସଲଫାଇଡ଼୍ ସଲର ପ୍ରସ୍ତୁତି ମଧ୍ୟ ରାସାୟନିକ ପଦ୍ଧତିରେ କରାଯାଇପାରିବ ।

## 10.5 କଲୟଡ଼ାଲ ଦ୍ରବଣର ଶୋଧନ (ନିର୍ମଳୀକରଣ)

କଲୟଡ଼ାଲ ଦ୍ରବଣର ପ୍ରସ୍ତୁତି ସମୟରେ ଏହା ମଧ୍ୟରେ କିଛି ଅଶୁଦ୍ଧ ପଦାର୍ଥ ରହିଯାଇଥାଏ । ଏହି ଅଶୁଦ୍ଧ ପଦାର୍ଥ ଗୁଡ଼ିକ ମୁଖ୍ୟତଃ ବିଦ୍ୟୁତ୍ ବିଶ୍ଳେଷ୍ୟ ପ୍ରକୃତିର; ଯାହା କଲୟଡ଼ାଲ ଦ୍ରବଣକୁ ଅସ୍ଥିରତା ପ୍ରଦାନ କରିଥାଏ । ସେଥିପାଇଁ କଲୟଡ଼ାଲ ଦ୍ରବଣକୁ ଶୋଧନ କରିବା ଆବଶ୍ୟକ ଏବଂ ଏହି ପ୍ରକ୍ରିୟା ନିମ୍ନୋକ୍ତ ଉପାୟରେ କରାଯାଇପାରେ ।

(i) ଡ଼ାୟାଲିସିସ୍ (ଆପୋହନ) : ଏହି ପଦ୍ଧତି ଏହି ସିଦ୍ଧାନ୍ତ ଉପରେ ପର୍ଯ୍ୟବେସିତ ଯେ କଲୟଡ଼ାଲ କଣିକାମାନ ପାର୍ଚମେଣ୍ଟ କାଗଜ କିମ୍ବା ସେଲୋଫେନ୍ ମେମ୍‌ବ୍ରେନ୍ ଦେଇ ଗତିକରି ପାରିବେ ନାହିଁ କିନ୍ତୁ ବିଦ୍ୟୁତ୍ ବିଶ୍ଳେଷ୍ୟମାନେ ଗତିକରିପାରିବେ ।

**ପଦ୍ଧତି :** କଲୟଡ଼ାଲ ଦ୍ରବଣକୁ ଏକ ସେଲୋଫେନ୍ ବ୍ୟାଗରେ ରଖି ପାତ୍ରରେ ଥିବା ବିଶୁଦ୍ଧ ପାଣିରେ ଝୁଲାଇ ଦିଆଯାଏ । କଲୟଡ଼ାଲ ଦ୍ରବଣର ଅଶୁଦ୍ଧ ପଦାର୍ଥମାନେ ଜଳମଧ୍ୟକୁ ଚାଲିଆସନ୍ତି; ଯାହା ଫଳରେ ସେଲୋଫେନ୍ ବ୍ୟାଗ୍‌ରେ କେବଳ ବିଶୁଦ୍ଧ କଲୟଡ଼ାଲ ଦ୍ରବଣ ରହିଯାଏ । (ଚିତ୍ର 10.3) ବିସରଣ (diffusion) ନିୟମକୁ ଆଧାର କରି କଲୟଡ଼ାଲ ଦ୍ରବଣର କଣିକାମାନଙ୍କୁ ବିଦ୍ୟୁତ୍ ବିଶ୍ଳେଷ୍ୟର କଣିକାମାନଙ୍କ ଠାରୁ ପୃଥକ କରିବାର ପ୍ରଣାଳୀକୁ ଡ଼ାୟାଲିସିସ୍ (ଆପୋହନ) କୁହାଯାଏ ।




ଚିତ୍ର 10.3 : *ଏକ ଡାୟାଲାଇଜର୍*



ଟିପ୍ପଣୀ

**(ii) ଇଲେକ୍ଟ୍ରୋ ଡାୟାଲିସିସ୍ (ବିଦ୍ୟୁତ୍ ଆପହୋନ) :** ଡାୟାଲିସିସ୍ ପଦ୍ଧତିଟି ମନ୍ଥର, ତେଣୁ ଏହାର ବେଗକୁ ତ୍ୱରାନ୍ୱିତ କରିବାକୁ ହେଲେ ବିଦ୍ୟୁତ୍ କ୍ଷେତ୍ରର ସାହାଯ୍ୟ ନେବାକୁ ପଡ଼େ । ଇଲେକ୍ଟ୍ରୋଡ୍ ଦ୍ୱୟଦେଇ ବିଦ୍ୟୁତ୍ କ୍ଷେତ୍ର ପ୍ରୟୋଗ କଲେ ବିଦ୍ୟୁତ୍ ବିଶ୍ଳେଷ୍ୟର ଆୟନମାନେ ବିପରୀତ ମୁଖୀ ଇଲେକ୍ଟ୍ରୋଡ଼ (ବିଦ୍ୟୁତ୍ ଦ୍ୱାର) ଆଡ଼କୁ ଦ୍ରୁତବେଗରେ ଗତି କରନ୍ତି । ବିଦ୍ୟୁତ୍ କ୍ଷେତ୍ରର ଉପସ୍ଥିତିରେ ଡାୟାଲିସିସ୍ ପ୍ରଣାଳୀକୁ ଇଲେକ୍ଟ୍ରୋ ଡାୟାଲିସିସ୍ କୁହାଯାଏ । (ଚିତ୍ର 10.4)




**ଚିତ୍ର 10.4 :** *ଇଲେକ୍ଟ୍ରୋ ଡାୟାଲିସିସ୍*

ଡାୟାଲିସିସ୍ର ଏକ ମହତ୍ତ୍ୱପୂର୍ଣ୍ଣ ଅବଦାନ ହେଉଛି ରକ୍ତଶୋଧନ, ଯାହା କୃତ୍ରିମ ବୃକକ୍ ଯନ୍ତ୍ର ସାହାଯ୍ୟରେ କରାଯାଏ । ଏହି ଯନ୍ତ୍ରର ଝିଲ୍ଲିକୁ ଭେଦକରି ଆୟନମାନେ (ଅତିକ୍ଷୁଦ୍ରକଣିକା) ଗତିକରିପାରନ୍ତି କିନ୍ତୁ ରକ୍ତର ହେମୋଗ୍ଲୋବିନ୍ (ରକ୍ତରଞ୍ଜକ) କଣିକାମାନେ ଗତିକରିପାରନ୍ତି ନାହିଁ ।

## ପାଠଗତ ପ୍ରଶ୍ନ 10.2

1. ବ୍ରେଡିଗ୍ଙ୍କର ବିଦ୍ୟୁତ୍ ବଳୟ ପଦ୍ଧତିରେ ତିଆରି କରାଯାଇ ପାରୁଥିବା ଦୁଇଟି କଲୟଡର ନାମ ଉଲ୍ଲେଖ କର ।

   ......................................................................................................

2. ରାସାୟନିକ ପଦ୍ଧତିରେ ତିଆରି କରାଯାଇ ପାରୁଥିବା ଦୁଇଟି କଲୟଡ଼ର ନାମ ଉଲ୍ଲେଖ କର ।

   ......................................................................................................

3.(a) ଦ୍ରାବକାସକ୍ତ ଓ ଦ୍ରାବକାତଙ୍କୀ କଲୟଡ଼ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

(b) ମାକ୍ରୋମଲିକୁଲାର ଓ ମଲଟି ମଲିକୁଲାର୍ କଲୟଡ଼ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

   ......................................................................................................

4. ମିସେଲ୍ କିପରି ସୃଷ୍ଟିହୁଏ ବୁଝାଅ ।

   ......................................................................................................

## 10.6 କଲୟଡ଼ର ଧର୍ମ

କଲୟଡ଼ର ଧର୍ମ ବିଷୟରେ ନିମ୍ନରେ ଆଲୋଚନା କରାଗଲା ।

**(a) ବିଷମାଂଗୀ ଚରିତ୍ର :** କଲୟଡାଲ କଣିକାମାନ ସେମାନଙ୍କର ନିଜସ୍ୱ ପରିସୀମା ମଧ୍ୟରେ ଅବସ୍ଥାନ କରନ୍ତି ଯାହା ସେମାନଙ୍କୁ ବିଚ୍ଛୁରଣ ମାଧ୍ୟମ ଠାରୁ ପୃଥକ କରିଥାଏ । ତେଣୁ କଲୟଡ଼ାଲ ସ୍ଥିତି ଦୁଇଟି ପ୍ରାବସ୍ଥାର ବିଷମାଂଗୀ ମିଶ୍ରଣ । ସେହି ଦୁଇଟି ପ୍ରାବସ୍ଥା ହେଲେ ବିଚ୍ଛୁରିତ ପ୍ରାବସ୍ଥା ଓ ବିଚ୍ଛୁରଣ ମାଧ୍ୟମ

**(b) ବ୍ରାଉନୀୟ ଗତି :** ବ୍ରାଉନୀୟ ଗତିର ନାମକରଣ ଏହାର ଆବିଷ୍କାରକ ଉଦ୍‌ଭିଦବୀତ୍ ରର୍ବଟ ବ୍ରାଉନ୍‌ଙ୍କ ନାମାନୁସାରେ କରାଯାଇଇଛି । କଲୟଡ଼ାଲ କଣିକାମାନଙ୍କର ନିରବଚ୍ଛିନ୍ନ ବିଶୃଙ୍ଖଳ ଭାବରେ ବଙ୍କାଟଙ୍କା ଗତିକୁ ବ୍ରାଉନୀୟ ଗତି କୁହାଯାଏ । (ଚିତ୍ର 10.5) । ବିଚ୍ଛୁରଣ ମାଧ୍ୟମର ଅଣୁମାନେ ବିଚ୍ଛୁରିତ ପ୍ରାବସ୍ଥାର ଅଣୁମାନଙ୍କ ସହିତ ଧକ୍କାହେଲେ ବ୍ରାଉନୀୟ ଗତି ସୃଷ୍ଟିହୁଏ । ଏହି ବଳର ମାତ୍ରା ବିଭିନ୍ନ ଦିଗରେ ଅସମାନ ହୋଇଥିବାର କଲୟଡ଼ାଲ ଦ୍ରବଣର କଣିକାମାନେ ବଙ୍କାଟଙ୍କା ଭାବରେ ଗତିକରନ୍ତି ।



**ଚିତ୍ର 10.5 : ବ୍ରାଉନୀୟ ଗତି**

**(c) ଟିଣ୍ଡାଲ୍ ପ୍ରଭାବ :** ୧୮୬୯ ରେ ଟିଣ୍ଡାଲ୍ ନିରୀକ୍ଷଣ କଲେଯେ ଯେତେବେଳେ ଏକ ଶକ୍ତିଶାଳୀ ରଶ୍ମିଗୁଚ୍ଛ କଲୟଡ଼ାଲ ଦ୍ରବଣ ଦେଇ ଗତିକରେ ସେତେବେଳେ ରଶ୍ମିଗୁଚ୍ଛର ପଥ ଆଲୋକିତ ହୁଏ । ଏହି ପ୍ରକ୍ରିୟାକୁ ଟିଣ୍ଡାଲ୍ ପ୍ରଭାବ କୁହାଯାଏ । କଲୟଡ଼ାଲ କଣିକାମାନଙ୍କ ଦ୍ୱାରା ଆଲୋକର ବିଚ୍ଛୁରଣ ପାଇଁ ଏଭଳି ପ୍ରକ୍ରିୟା ସୃଷ୍ଟି ହୋଇଥାଏ (ଚିତ୍ର 10.6) । ଯେତେବେଳେ ଏକ ଛିଦ୍ରଦେଇ ରଶ୍ମିଗୁଚ୍ଛ ଗୋଟିଏ ଅନ୍ଧାର ଘର ଭିତରେ ପ୍ରବେଶ କରେ ସେତେବେଳେ ରଶ୍ମିଗୁଚ୍ଛର ପଥ ଦୃଶ୍ୟମାନ ହୁଏ ଯାହାକି ଟିଣ୍ଡାଲ୍ ପ୍ରଭାବ ଭଳି ପ୍ରତୀୟମାନ ହୁଏ । ବାୟୁରେ ଥିବା ଧୂଳିକଣା ଦ୍ୱାରା ଆଲୋକର ବିଚ୍ଛୁରଣ ପାଇଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥାଏ ।




*Fig.10.6 : The Tyndall Effect*

**(d) ବୈଦ୍ୟୁତିକ ଧର୍ମ :** କଲୟଡ଼ାଲ କଣିକାମାନେ ବୈଦ୍ୟୁତିକ ଚାର୍ଜ (ଆବେଗ) ବହନ କରନ୍ତି । ଏହି ବୈଦ୍ୟୁତିକ ଚାର୍ଜ ଧନାତ୍ମକ କିମ୍ବା ଋଣାତ୍ମକ ହୋଇପାରେ ।

କଲୟଡ଼ାଲ କଣିକାମାନଙ୍କର ଚାର୍ଜ ସମାନ ହୋଇଥିବାରୁ ସେମାନେ ପରସ୍ପରକୁ ବିକର୍ଷିତ କରନ୍ତି । ଯାହାଫଳରେ ସେମାନେ ପରସ୍ପର ସହିତ ସଂଯୋଜିତ ହୋଇ ଅବକ୍ଷେପ ସୃଷ୍ଟିକରନ୍ତି ନାହିଁ । ଉଦାହରଣ ସ୍ୱରୂପ ଆରସେନିୟସ୍

ସଲଫାଇଡ୍ ସଲ, ସୁନା ସଲ୍, ରୂପାସଲ୍ ଇତ୍ୟାଦିର କଣିକାମାନେ ରଣାତ୍ମକ ଚାର୍ଜ ବହନ କରନ୍ତି ଏବଂ ଫେରିକ୍ ହାଇଡ୍ରୋକ୍ସାଇଡ୍, ଆଲୁମିନିୟମ୍ ହାଇଡ୍ରୋକ୍ସାଇଡ୍ ଇତ୍ୟାଦିର କଣିକାମାନେ ଧନାତ୍ମକ ଚାର୍ଜ ବହନ କରନ୍ତି ।

**କଲୟଡ଼ାଲ କଣିକାମାନଙ୍କର ଚାର୍ଜ ସୃଷ୍ଟିହେବାର କାରଣ :**

(a) କଲୟଡ଼ାଲ୍ କଣିକାମାନଙ୍କ ଦ୍ୱାରା ଧନାୟନ କିମ୍ବା ରଣାୟନର ଆଗ୍ରାଧିକାର ଅଧିଶୋଷଣ

(b) ମିସେଲ୍‌ମାନେ ଏକ ଚାର୍ଜ ବହନ କରିଥାନ୍ତି ।

(c) କଲୟଡ଼ାଲ ଦ୍ରବଣର ପ୍ରସ୍ତୁତି ସମୟରେ (ମୁଖ୍ୟତଃ ବ୍ରେଡ଼ିଗ୍‌ଙ୍କର ବିଦ୍ୟୁତ୍ ବଳୟ ପଦ୍ଧତି) କଲୟଡ଼ାଲ କଣିକାମାନେ ଇଲେକ୍ଟ୍ରନ୍‌କୁ ବାନ୍ଧି ରଖନ୍ତି ଯାହାଫଳରେ ସେମାନଙ୍କର ଚାର୍ଜ ଉତ୍ପନ୍ନ ହୁଏ । ଇଲେକ୍ଟ୍ରୋଫୋରେସିସ୍ ପଦ୍ଧତିରେ କଲୟଡ଼ାଲ କଣିକାମାନେ ଚାର୍ଜ ବହନ କରନ୍ତି ବୋଲି ଦର୍ଶାଇଯାଇପାରିବ ।

**ଇଲେକ୍ଟ୍ରୋଫୋରେସିସ୍ : (ବିଦ୍ୟୁତ୍-କଣ ସଂଚଳନ) :** ବୈଦ୍ୟୁତିକ କ୍ଷେତ୍ରର ପ୍ରଭାବରେ କଲୟଡ଼ାଲ କଣିକାମାନଙ୍କର ଏନୋଡ୍ କିମ୍ବା କାଥୋଡ୍ ଆଡ଼କୁ ଗତି କରିବାର ପ୍ରକ୍ରିୟାକୁ ଇଲେକ୍ଟ୍ରୋ ଫୋରେସିସ୍ କୁହାଯାଏ । ଏହାପାଇଁ ବ୍ୟବହୃତ ଉପକରଣ ନିମ୍ନରେ ଦର୍ଶାଯାଇଛି (ଚିତ୍ର 10.7) ।




**ଚିତ୍ର 10.7 : *ଇଲେକ୍ଟ୍ରୋଫୋରେସିସ୍ ପ୍ରଣାଳୀ***

## 10.7 କଲୟଡ଼ାଲ ଦ୍ରବଣମାନଙ୍କର ପ୍ରୟୋଗ

ଆମର ଦୈନନ୍ଦିନ ଜୀବନରେ କଲୟଡ଼ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କଲୟଡ଼ର ପ୍ରୟୋଗମାନ ନିମ୍ନରେ ବର୍ଣ୍ଣନା କରାଯାଇଛି ।

**(i) ନର୍ଦ୍ଦମାର ମଇଳା ଜଳର ଶୋଧନ :** ନର୍ଦ୍ଦମା ଜଳରେ ଥିବା ମଇଳା ଚାର୍ଜ ବହନ କରନ୍ତି । ଯେତେବେଳେ ମଇଳା ଜଳ ଉଚ୍ଚମାତ୍ରାର ଭୋଲଟେଜ ବହନ କରୁଥିବା ଧାତବ ଫଳକ ମଧ୍ୟଦେଇ ଗତିକରେ ତନ୍ମଧ୍ୟରେ ଥିବା ମଇଳା ନିର୍ଦ୍ଦିଷ୍ଟ ଏକ ଇଲେକ୍ଟ୍ରୋଡ୍ ଆଡ଼କୁ ଗତିକରନ୍ତି ଏବଂ ସେଠାରେ ଅବକ୍ଷେପିତ ହୁଅନ୍ତି । ଏହି ଉପାୟରେ ନର୍ଦ୍ଦମାର ମଇଳା ଜଳର ଶୋଧନ କରାଯାଏ ।

**(ii) କୂପ ଜଳର ଶୋଧନ :** କୂପ ଜଳରେ ଥିବା ମଇଳା ରଣାତ୍ମକ ଚାର୍ଜ ବହନ କରନ୍ତି । ଏହି ଜଳରେ ଫିଟିକରି (Alum) ପକାଇଲେ ଏଥିରେ ଥିବା $Al^{3+}$ ଆୟନ ମଇଳାର ରଣାତ୍ମକ ଚାର୍ଜକୁ ପ୍ରଶମିତ କରନ୍ତି । ଯାହାଫଳରେ ମଇଳା ସବୁ ତଳକୁ ବସିଯାଆନ୍ତି । ପରିସ୍ରବଣ ପଦ୍ଧତିରେ ମଇଳାକୁ ବାହାର କଲେ ବ୍ୟବହାର ପାଇଁ ବିଶୁଦ୍ଧ ଜଳ ମିଳିପାରିବ ।

**(iii) କଳକାରଖାନାମାନଙ୍କରୁ ବାହାରୁଥିବା ଧୂଆଁର ଅବକ୍ଷେପଣ :** ଧୂଆଁରେ ଥିବା ଅଙ୍ଗାର କଣିକାମାନେ କଲୟଡ଼ାଲ ସ୍ଥିତିରେ ଥାଆନ୍ତି ଓ ବିଦ୍ୟୁତ୍ ଚାର୍ଜ ବହନ କରିଥାଆନ୍ତି । ଏହି ଅଙ୍ଗାର କଣିକାମାନଙ୍କର ଅବକ୍ଷେପଣ କଟ୍ରେଲଙ୍କର ଅବକ୍ଷେପକ ଯନ୍ତ୍ର ସାହାଯ୍ୟରେ କରାଯାଇଥାଏ । ଚିମିଣି (ଧୂଆଁନଳୀ)ରୁ ବାହାରୁଥିବା ଧୂଆଁକୁ ଗୋଟିଏ କୋଠରୀରେ ପ୍ରବେଶ କରାଯାଏ ଯେଉଁଠି ଏକାଧିକ ଧାତବ ଫଳକକୁ ଉଚ୍ଚମାତ୍ରାର ଭୋଲଟେଜ୍‌ରେ ରଖାଯାଇଥାଏ

(ଚିତ୍ର 10.8) । ଚାର୍ଜ ବହନ କରୁଥିବା କଲୟଡ଼ାଲ ଅଙ୍ଗାରକଣିକା ବିପରୀତ ଧର୍ମୀ ଇଲେକ୍‌ଟ୍ରୋଡ୍ ଆଡ଼କୁ ଗତିକରେ ଏବଂ ସେଠାରେ ତାହାର ଅବକ୍ଷେପଣ ହୁଏ ଏବଂ କେବଳ ବିଶୁଦ୍ଧ ଗରମ ପବନ ବାହାରକୁ ଯାଏ ।




**ଚିତ୍ର 10.8 :** *କଟ୍ରେଲଙ୍କ ଧୂଆଁ ଅବକ୍ଷେପକ*

ଆମର ଦୈନନ୍ଦିନ ଜୀବନରେ କଲୟଡ଼ର ଆହୁରି ଅନେକ ବ୍ୟବହାର ଦେଖିବାକୁ ମିଳେ ।

(i) **ଫଟୋଗ୍ରାଫି :** ଜିଲାଟିନ୍‌ରେ ସିଲଭର ବ୍ରୋମାଇଡ୍‌ର କଲୟଡ଼ାଲ ଦ୍ରବଣକୁ କାଚଫଳକ କିମ୍ବା ସେଲୁଲୟଡ଼ର ପତଳା ପରଦା ଉପରେ ଲେପ ଦିଆଯାଏ । ଏହି ଆଲୋକ ସୁଗ୍ରାହୀ ଫଳକ ଫଟୋଗ୍ରାଫିରେ ବ୍ୟବହାର କରାଯାଏ ।

(ii) **ରକ୍ତ ଜମାଟ ବାନ୍ଧିବା :** ରକ୍ତ ହେଉଛି ଏକ କଲୟଡ଼ାଲ ଦ୍ରବଣ ଏବଂ ଏହା ଋଣାତ୍ମକ ଚାର୍ଜ ବହନ କରେ । କଟିଯାଇଥିବା ସ୍ଥାନରେ ଫେରିକ୍ କ୍ଲୋରାଇଡ୍ ଦ୍ରବଣ ଲଗାଇଲେ ରକ୍ତ ଜମାଟ ବାନ୍ଧିଯାଏ । ଫେରିକ୍ କ୍ଲୋରାଇଡ୍‌ର $Fe^{3+}$ ଆୟନ ରକ୍ତର ଋଣାତ୍ମକ ଚାର୍ଜକୁ ପ୍ରଶମିତ କରନ୍ତି; ଫଳରେ ରକ୍ତ ଜମାଟ ବାନ୍ଧେ ।

(iii) **ରବର ପ୍ରଲେପ :** ରବର ଗଛର କ୍ଷୀର ଏକ କଲୟଡ଼ାଲ ଦ୍ରବଣ ଏବଂ ଏହା ଋଣାତ୍ମକ ଚାର୍ଜ ବହନ କରେ । ଯେଉଁ ଫଳକ ଉପରେ ରବର ପ୍ରଲେପ ଦିଆଯିବ ତାକୁ ଆନୋଡ୍ ଭାବେ ବ୍ୟବହାର କରାଯାଏ । ଋଣାତ୍ମକ ଚାର୍ଜ ବହନ କରୁଥିବା ରବର କଣିକାମାନେ ଆନୋଡ଼ ଆଡ଼କୁ ଗତିକରନ୍ତି ଏବଂ ସେହି ଫଳକ ଉପରେ ଏକ ପ୍ରଲେପ ସୃଷ୍ଟି କରନ୍ତି ।

(iv) **ଆକାଶର ନୀଳ ରଙ୍ଗ :** ଆକାଶ କାହିଁକି ନୀଳ ଦିଶେ ସେ କଥା କେବେ ଭାବିଛ କି ? ଏହାର କାରଣ ହେଉଛି ବାୟୁରେ ଥିବା ଧୂଳିକଣାଗୁଡ଼ିକ ନୀଳ ଆଲୋକକୁ ବିଛୁରିତ କରନ୍ତି; ଯେଉଁଥିପାଇଁ ଆକାଶ ନୀଳ ଦିଶେ । ଯଦି ବାୟୁରେ ଧୂଳିକଣା ନଥାନ୍ତା ତେବେ ଆକାଶ ସଂପୂର୍ଣ୍ଣ କଳା ଦେଖାଯାଆନ୍ତା ।

## 10.4 ଇମଲ୍‌ସନ୍ (ପାୟସ) ଓ ଜେଲ୍

ଇମଲ୍‌ସନ୍ ହେଉଛି ଏକ କଲୟଡାଲ ଦ୍ରବଣ ଯାହାର ଉଭୟ ବିଚ୍ଛୁରିତ ପ୍ରାବସ୍ଥା ଓ ବିଚ୍ଛୁରଣ ମାଧ୍ୟମ ତରଳ । ଏହି ଦୁଇଟି ତରଳ ପରସ୍ପର ସହିତ ମିଶିଯାଆନ୍ତି ନାହିଁ; ଯଦି ମିଶିଯାଉଥାନ୍ତେ ତେବେ ଏକ ବାସ୍ତବ ଦ୍ରବଣ ସୃଷ୍ଟି ହୋଇଥାଆନ୍ତା ଇମଲସନ୍ ଦୁଇପ୍ରକାରର ଅଟେ ।

**(a) ତେଲ ଓ ଜଳର ଇମଲ୍‌ସନ୍ :** ଏ କ୍ଷେତ୍ରରେ ବିଚ୍ଛୁରିତ ପ୍ରାବସ୍ଥା ହେଉଛି ତେଲ ଏବଂ ବିଚ୍ଛୁରଣ ମାଧ୍ୟମ ହେଉଛି





ଜଳ । ଏଭଳି ଇମଲସନ୍‌ର ଉଦାହରଣ ହେଉଛି ଦୁଧ । ଦୁଧରେ ଥିବା ଚର୍ବି ଜଳରେ ବିଚ୍ଛୁରିତ ହୋଇଥାଏ । ଅନ୍ୟ ଏକ ଉଦାହରଣ ହେଉଛି ଭାନିସିଙ୍ଗ୍ କ୍ରିମ୍ ।

**(b) ଜଳ ଓ ତେଲର ଇମଲ୍‌ସନ୍ :** ଏ କ୍ଷେତ୍ରରେ ବିଚ୍ଛୁରିତ ପ୍ରାବସ୍ଥା ହେଉଛି ଜଳ ଏବଂ ବିଚ୍ଛୁରଣ ମାଧ୍ୟମ ହେଉଛି ତେଲ । ଏଭଳି ଇମଲସନ୍‌ର ଉଦାହରଣ ହେଉଛି ଲହୁଣୀ, କଡ଼ମାଛର ତେଲ, ଥଣ୍ଡାକ୍ରିମ୍ ଇତ୍ୟାଦି ।

ଏହିପ୍ରକାର କଲୟଡ଼ାଲ ଦ୍ରବଣକୁ କିଛି ସମୟ ରଖିଦେଲେ ତେଲ ଓ ଜଳ ପରସ୍ପର ଠାରୁ ପୃଥକ ହୋଇଯାଆନ୍ତି । ତେଣୁ ଇମଲସନ୍‌କୁ ସ୍ଥାୟୀତ୍ୱ ପ୍ରଦାନ କରିବା ପାଇଁ ସେଥିରେ ପାୟସୀକାରକ ମିଶାଇବାକୁ ପଡ଼େ । ପାୟସୀକାରକର ଅତି ସାଧାରଣ ଉଦାହରଣ ହେଉଛି ସାବୁନ । ପାୟସୀକାରକର ଉପସ୍ଥିତିରେ ଇମଲସନ୍‌ର ପ୍ରସ୍ତୁତି ପ୍ରଣାଳୀକୁ ପାୟସୀକରଣ କୁହାଯାଏ ।

**ପାୟସୀକାରକର କାମ କଣ :** ଏହା ବିଶ୍ୱାସ କରାଯାଏ ଯେ ତେଲ ଓ ଜଳର ସଂଗମ ସ୍ଥଳରେ ପାୟସୀକାରକର ଗାଢ଼ତା ବୃଦ୍ଧିପାଏ । ଏହା ତେଲ ଓ ଜଳକୁ ବାନ୍ଧି ରଖିବାରେ ସାହାଯ୍ୟ କରେ ।

**ଇମଲସନ୍‌ର ପ୍ରୟୋଗ :** ଆମର ଦୈନନ୍ଦିନ ଜୀବନରେ ଇମଲସନ୍‌ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଇମଲସନ୍‌ର କେତେଗୁଡ଼ିଏ ସାଧାରଣ ପ୍ରୟୋଗ ନିମ୍ନରେ ପ୍ରଦତ୍ତ ହେଲା ।

1. ସାବୁନ ଓ ଅପମାର୍ଜକର ଲୁଗାସଫା କରିବା କାର୍ଯ୍ୟ ଏବଂ ସ୍ନାନକରିବା ସମୟରେ ସାବୁନର କାର୍ଯ୍ୟ, ତେଲ ଓ ଜଳର ଇମଲସନ୍ ସୃଷ୍ଟି ଯୋଗୁ ହୋଇଥାଏ ।
2. ଦୁଧ ହେଉଛି ଚର୍ବି ଓ ଜଳର ଏକ ଇମଲସନ୍ । ଦୁଗ୍ଧଜାତ କ୍ରିମ୍ ଓ ଲହୁଣୀ ମଧ୍ୟ ଇମଲସନ୍ ପରିସରଭୁକ୍ତ ।
3. ବିଭିନ୍ନ ପ୍ରକାର ଥଣ୍ଡା କ୍ରିମ୍, ଭାନିସିଙ୍ଗ୍ କ୍ରିମ୍, ଶରୀର ପାଇଁ ବ୍ୟବହାର କରାଯାଉଥିବା ତୈଳାକ୍ତ ଦ୍ରବଣ ଇତ୍ୟାଦି ଏକ ପ୍ରକାର ଇମଲସନ୍ ।
4. ବିଭିନ୍ନ ପ୍ରକାର ତୈଳାକ୍ତ ଔଷଧ ଯଥା କଡ଼ମାଛର ତେଲ ଇମଲସନ୍ ଭାବରେ ଶରୀରରେ ପ୍ରୟୋଗ କରାଯାଏ, ଯାହା ଫଳରେ ଔଷଧର ଅବଶୋଷଣ ଉତ୍ତମ ଓ ତ୍ୱରାନ୍ୱିତ ହୋଇଥାଏ । କିଛି ମଲମ ମଧ୍ୟ ଇମଲସନ୍ ଭାବରେ ବ୍ୟବହାର କରାଯାଏ ।
5. ଅନ୍ତନଳୀରେ ଚର୍ବିର ପରିପାକକ୍ରିୟା ହେଉଛି ଏକ ପ୍ରକାର ପାୟସୀକରଣ ।
6. ଫେଣ-ପ୍ଳବନ ପଦ୍ଧତିରେ ସଲଫାଇଡ୍ ଖଣିଜର ଗାଢ଼ତା ବଢ଼ାଇବା ପାଇଁ ଇମଲସନ୍‌ର ବ୍ୟବହାର କରାଯାଏ । ଖଣିଜ ପଦାର୍ଥକୁ ଭଲ ଭାବରେ ଗୁଣ୍ଡକରି ଜଳ ଓ ତେଲର ଇମଲସନ୍‌ରେ ମିଶାଯାଏ । ଏହି ମିଶ୍ରଣ ମଧ୍ୟକୁ ଚାପଯୁକ୍ତ ପବନ ପ୍ରୟୋଗ କରି ପ୍ରବଳ ବେଗରେ ଘଣ୍ଟାଯାଏ । ଯାହାଫଳରେ ଖଣିଜକଣିକାମାନ ତେଲ ସହିତ ସଂଯୁକ୍ତ ହୋଇ ଉପରକୁ ଚାଲିଆସନ୍ତି ଓ ବାହାରକୁ ବାହାର କରି ନିଆଯାଏ ।

**ଜେଲ୍ :** ଜେଲ୍ ମଧ୍ୟ ଏକ ପ୍ରକାର କଲୟଡ଼ ଯାହାର ବିଚ୍ଛୁରିତ ପ୍ରାବସ୍ଥା ହେଉଛି ତରଳ ଏବଂ ବିଚ୍ଛୁରଣ ମାଧ୍ୟମ ହେଉଛି ଘନ । ଜେଲ୍‌ର ଅତି ସାଧାରଣ ଉଦାହରଣ ହେଉଛି ଛେନା, ଜେଲି, ଯୋତା ପାଲିସ୍ ଇତ୍ୟାଦି । ସାଧାରଣ ଭାବରେ ବ୍ୟବହାର କରାଯାଉଥିବା ଅଧିକାଂଶ ଜେଲ୍ ଦ୍ରାବକାସକ୍ତ କଲୟଡ଼ାଲ ଦ୍ରବଣ ସଦୃଶ । ଜେଲ୍‌ର ପ୍ରସ୍ତୁତି ପାଇଁ ଏକ ଲଘୁ ଦ୍ରବଣକୁ ଉପଯୁକ୍ତ ଅନୁବନ୍ଧରେ ପ୍ରସାରଣ ଶୀଳ ଅର୍ଦ୍ଧଘନ ପଦାର୍ଥ ଭାବରେ ସ୍ଥାପିତ କରାଯାଏ । ଉଦାହରଣ ସ୍ୱରୂପ ଜିଲାଟିନ୍‌ର 5 ପ୍ରତିଶତ ଜଳୀୟ ଦ୍ରବଣକୁ ଥଣ୍ଡାକଲେ ଜେଲି ସୃଷ୍ଟି ହୋଇଥାଏ । ଜେଲ୍‌କୁ କିଛି ଦିନ ରଖିଦେଲେ ତନ୍ମଧ୍ୟରୁ କିଛି ତରଳ ପଦାର୍ଥ ବାହାରିଯାଏ, ଫଳରେ ଜେଲ୍ ସଂକୁଚିତ ହୁଏ । ଏହାକୁ ସିନେରେସିସ୍ କୁହାଯାଏ ଅର୍ଥାତ୍ ସମୟାନୁସାରେ ଏହାର ପୁନଃସ୍ଥାପନ ହୋଇଥାଏ ।

ଜେଲକୁ ଦୁଇଟି ଶ୍ରେଣୀରେ ବିଭକ୍ତ କରାଯାଇଛି । ପ୍ରସାରଣଶୀଳ ଜେଲ ଏବଂ ପ୍ରସାରିତ ହେଉନଥିବା ଜେଲ୍ । ପ୍ରସାରଣଶୀଳ ଜେଲମାନେ ବିପରୀତମୁଖୀ । ଯେତେବେଳେ ଏମାନଙ୍କର ଆଂଶିକଭାବେ ନିର୍ଜଳୀକରଣ ହୁଏ ସେତେବେଳେ କିଛି ଜଳ ପ୍ରୟୋଗ କଲେ ସେମାନେ ପୂର୍ବାବସ୍ଥାକୁ ଫେରିଯାଆନ୍ତି । ପ୍ରସାରିତ ହେଉନଥିବା ଜେଲମାନେ ବିପରୀତ ମୁଖୀ ନୁହଁନ୍ତି ।

ଜେଲ୍‌ର ବିଭିନ୍ନ ପ୍ରକାର ଆବଶ୍ୟକତା ରହିଛି । ସାଧାରଣ ଭାବରେ ବ୍ୟବହୃତ ହେଉଥିବା ଜେଲ୍‌ମାନେ ହେଲେ ସିଲିକା, ଚିଜ୍, ଜେଲି, ଯୋତା ପାଲିସ୍ ଓ ଦହି । ଘନ ଆଲକୋହଲ୍ ଜାଳେଣୀ ହେଉଛି ଆଲକୋହଲ ଓ କ୍ୟାଲସିୟମ୍ ଏସିଟେଟ୍‌ର ଏକ ଜେଲ୍ ।

ଟିପ୍ପଣୀ

## ତୁମେ କ'ଣ ଶିଖିଲ :

- କଲୟଡ଼ାଲ କଣିକାମାନଙ୍କର ଆକାର ପ୍ରଲମ୍ବନ ଓ ବାସ୍ତବ ଦ୍ରବଣର କଣିକାମାନଙ୍କର ଆକାରର ମଧ୍ୟବର୍ତ୍ତୀ ।
- କଲୟଡ଼ାଲ ବ୍ୟବସ୍ଥା ୪ ପ୍ରକାର ।
- ସଲ୍‌ମାନଙ୍କର ଶ୍ରେଣୀବିଭାଗ (a) ବିଚ୍ଛୁରିତ ପ୍ରାବସ୍ଥା ଓ ବିଚ୍ଛୁରଣ ମାଧ୍ୟମ ମଧ୍ୟରେ ଥିବା ପ୍ରତିକ୍ରିୟା ଏବଂ (b) ବିଚ୍ଛୁରିତ ପ୍ରାବସ୍ଥାର ଅଣୁମାନଙ୍କର ଆକାର ଉପରେ ପର୍ଯ୍ୟବେସିତ ।
- କଲୟଡ଼ାଲ ଦ୍ରବଣ ଭୌତିକ ପଦ୍ଧତି ଏବଂ ରାସାୟନିକ ପଦ୍ଧତିରେ ପ୍ରସ୍ତୁତ କରାଯାଇପାରିବ ।
- କଲୟଡ଼ାଲ କଣିକାମାନଙ୍କର ଅଙ୍କାବଙ୍କା ଗତିକୁ ବ୍ରାଉନୀୟ ଗତି କୁହାଯାଏ ।
- କଲୟଡ଼ାଲ କଣିକାମାନେ ଆଲୋକ ରଶ୍ମିକୁ ବିଚ୍ଛୁରିତ କରନ୍ତି; ତେଣୁ ଆଲୋକର ପଥ ଦୃଶ୍ୟମାନ ହୁଏ ଯେଉଁଭଳି ଭାବରେ ଅର୍ଦ୍ଧ ଆଲୋକିତ ଘରେ ଧୂଳିକଣାମାନ ଆଲୋକ ରଶ୍ମୀକୁ ବିଚ୍ଛୁରିତ କରନ୍ତି ।
- କଲୟଡ଼ାଲ କଣିକାମାନେ ବିଦ୍ୟୁତ୍ ଚାର୍ଜ ବହନ କରନ୍ତି ।
- ଗୋଟିଏ ତରଳରେ ଅନ୍ୟ ଏକ ତରଳର କଲୟଡ଼ାଲ ବିଚ୍ଛୁରଣକୁ ଇମଲସନ୍ କୁହାଯାଏ ।
- ଯେଉଁ କଲୟଡ଼ାଲ ଦ୍ରବଣର ବିଚ୍ଛୁରିତ ପ୍ରାବସ୍ଥା ତରଳ ଏବଂ ବିଚ୍ଛୁରଣ ମାଧ୍ୟମ ଘନ ତାହାକୁ ଜେଲ୍ କହନ୍ତି ।
- ମାନବ ସମାଜର ଦୈନନ୍ଦିନ ଜୀବନରେ ଓ ବିଭିନ୍ନ ପ୍ରକାର ଶିଳ୍ପାୟନରେ କଲୟଡ଼ର ଯଥେଷ୍ଟ ଆବଶ୍ୟକତା ରହିଛି ।

## ପାଠ୍ୟାନ୍ତ ପ୍ରଶ୍ନ

1. କଲୟଡ଼ାଲ ଦ୍ରବଣ ଓ ବାସ୍ତବ ଦ୍ରବଣ ମଧ୍ୟରେ ତିନିଗୋଟି ପାର୍ଥକ୍ୟ ଦର୍ଶାଅ ।
2. ଦ୍ରାବକାସକ୍ତ କଲୟଡ୍ ଏବଂ ଦ୍ରାବକାତଙ୍କୀ କଲୟଡ଼ର ଗୋଟିଏ ଲେଖାଏଁ ପ୍ରସ୍ତୁତି ପ୍ରଣାଳୀ ବର୍ଣ୍ଣନା କର ।
3. ଆସୋସିଏଟେଡ୍ କଲୟଡ଼ର ଅର୍ଥ କ'ଣ ?
4. ବ୍ରାଉନୀୟ ଗତି କହିଲେ କ'ଣ ବୁଝ ? ଏହା କିପରି ସୃଷ୍ଟି ହୁଏ ?
5. ସଦ୍ୟ କଟିଯାଉଥିବା ସ୍ଥାନରେ ଫିଟିକରି ଲଗାଇଲେ କାହିଁକି ରକ୍ତ ଝରିବା ବନ୍ଦ ହୋଇଯାଏ ?
6. ବିକର A ରେ ଫେରିକ୍ ହାଇଡ୍ରୋକ୍ସାଇଡ୍ ଦ୍ରବଣ ଏବଂ ବିକର B ରେ ଲୁଣପାଣି ରଖାଯାଇଛି । ଏହି ଦୁଇ ବିକରକୁ ଗୋଟିଏ ଅନ୍ଧାର ଘର ଭିତରେ ରଖି ସେମାନଙ୍କ ମଧ୍ୟଦେଇ ଯଦି ଆଲୋକ ରଶ୍ମି ପ୍ରବେଶ କରାଯାଏ ତେବେ ବିକର A ରେ ଆଲୋକ ରଶ୍ମିର ପଥ ଦୃଶ୍ୟମାନ ହୁଏ କିନ୍ତୁ ବିକର B ରେ ନୁହେଁ । ଏହାର କାରଣ ଦର୍ଶାଅ । ଏହି ପ୍ରତିକ୍ରିୟାକୁ କ'ଣ କୁହାଯାଏ ?
7. ନିମ୍ନଲିଖିତ ପଦମାନଙ୍କର ସଂଜ୍ଞା ନିରୂପଣ କର ଏବଂ ପ୍ରତ୍ୟେକର ଦୁଇଟି ଲେଖାଏଁ ଉଦାହରଣ ଦିଅ ।
   (i) ଜେଲ୍
   (ii) ସଲ୍
8. କଲୟଡ଼ାଲ ଦ୍ରବଣର ଦୁଇଟି ମୁଖ୍ୟ ପ୍ରୟୋଗର ବର୍ଣ୍ଣନା କର ।
9. ଦୈନନ୍ଦିନ ଜୀବନରେ ବ୍ୟବହୃତ ହେଉଥିବା ଦୁଇଟି ଇମଲସନ୍‌ର ଉଦାହରଣ ଦିଅ ।
10. ପାୟସରେ ପାୟସୀକାରକର ଭୂମିକା ଉଲ୍ଲେଖ କର ।





## ପାଠଗତ ପ୍ରଶ୍ନର ଉତ୍ତର

### 10.1

1. ପ୍ରଲମ୍ବନ - କାଦୁଅ ପାଣି, ବାଲିମିଶ୍ରିତ ଜଳ

   କଲୟଡ଼ - ଦୁଧ, ରକ୍ତ, ଯୋତା ପାଲିସ୍, ଜେଲି, ଫୋମ୍, ଫେସ୍‌କ୍ରିମ୍ ଇତ୍ୟାଦି

   ବାସ୍ତବ ଦ୍ରବଣ - ଲୁଣପାଣି, ଚିନିପାଣି

2. ସଲ୍ - ଷ୍ଟାର୍ଚ୍ଚର ଦ୍ରବଣ

   ଜେଲ୍ - ସିଲିକା ଜେଲ୍

   ଏରୋସଲ୍ - କୁହୁଡ଼ି

   ଇମଲସନ୍ - ଦୁଧ

3. ଆଲ୍‌କୋସଲ୍ - ଯେତେବେଳେ ବିଚ୍ଛୁରଣ ମାଧ୍ୟମ ଆଲକୋହଲ୍

   ହାଇଡ୍ରୋସେଲ୍ - ଯେତେବେଳେ ବିଚ୍ଛୁରଣ ମାଧ୍ୟମ ଜଳ

4.

| ବାସ୍ତବ ଦ୍ରବଣ | କଲୟଡ଼ାଲ ଦ୍ରବଣ |
|---|---|
| (i) କଣିକାମାନଙ୍କର ଆକାର 1 nm ରୁ କମ୍ | (i) କଣିକାମାନଙ୍କର ଆକାର (1-100)nm |
| (ii) ସ୍ୱଚ୍ଛ ଦ୍ରବଣ, ଯାହା ମଧ୍ୟଦେଇ ଆଲୋକ ଗତି କରିପାରେ । | (ii) ଆଲୋକ ରଶ୍ମିର ପଥ ଦୃଶ୍ୟମାନ ହୁଏ |

### 10.2

1. ସୁନା ସଲ ଓ ପ୍ଲାଟିନମ୍ ସଲ

2. ଆରସେନିୟସ୍ ସଲଫାଇଡ଼ସଲ୍ ଏବଂ ଫେରିକ୍ ହାଇଡ୍ରୋକ୍‌ସାଇଡ୍ ସଲ୍

3.(a) **ଦ୍ରାବକାସକ୍ତ ସଲ**

   (i) ସହଜରେ ପ୍ରସ୍ତୁତ କରାଯାଇପାରିବ ।

   (ii) ବିଚ୍ଛୁରିତ ପ୍ରାବସ୍ଥା ଏବଂ ବିଚ୍ଛୁରଣ ମାଧ୍ୟମ ମଧ୍ୟରେ ଘନିଷ୍ଠ ସଂପର୍କ ଥାଏ ।

   (iii) ଏହା ବିପରୀତ ମୁଖୀ

   **ଦ୍ରାବକାତଙ୍କୀ ସଲ**

   (i) ବିଶେଷ ପଦ୍ଧତିରେ ପ୍ରସ୍ତୁତ କରାଯାଏ ।

   (ii) ଦୁଇଟି ପ୍ରାବସ୍ଥା ମଧ୍ୟରେ କୌଣସି ଆସକ୍ତି ନ ଥାଏ ।

   (iii) ଏହା ବିପରୀତମୁଖୀ ନୁହେଁ ।

   (b) **ମାକ୍ରୋମଲିକୁଲାର :** କଲୟଡ଼ାଲ କଣିକାମାନଙ୍କର ଆକାର ସାଧାରଣ କଲୟଡ଼ାଲ କଣିକାମାନଙ୍କର ଆକାର ଠାରୁ ଯଥେଷ୍ଟ ଅଧିକ ।

   **ମଲ୍‌ଟିମଲିକୁଲାର :** ଏହି କଲୟଡ଼ର କଣିକାମାନଙ୍କର ଆକାର ସାଧାରଣ କଲୟଡ଼ାଲ କଣିକାମାନଙ୍କର ଆକାରଠାରୁ ଯଥେଷ୍ଟ କମ୍; କିନ୍ତୁ ସେମାନେ ପରସ୍ପର ସହିତ ସଂଯୋଜିତ ହୋଇ ଯେଉଁ କଣିକା ସୃଷ୍ଟି କରନ୍ତି ତାହାର ଆକାର ସାଧାରଣ କଲୟଡ଼ାଲ କଣିକାର ଆକାର ସହିତ ସମାନ ।

4. 10.3.2 (C) ଦ୍ରଷ୍ଟବ୍ୟ